# ଲୋୟର ଶୁକ୍‌ତେଲ : ରାଜନୀତି ଓ ବାସ୍ତବତା

**ବୀରେନ୍ଦ୍ରକୁମାର ଝାଂକର** | *ଲୋୟର ଶୁକ୍‌ତେଲ ପ୍ରକଳ୍ପ ଅନେକ କାରଣରୁ ଦୋଛକିରେ ଆସି ପହଞ୍ଚିଛି*

ବଲାଙ୍ଗୀରରେ ଲୋୟର ଶୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ନେଇ ଚର୍ଚ୍ଚା ଜୋର ଧରିଛି । ଲୋୟର ଶୁକ୍‌ତେଲ ସେଚ ପ୍ରକଳ୍ପ ଏକ୍‌ସନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଚାଲିଛି । ବଲାଙ୍ଗୀରର ବହୁ ସଂଗଠନ ଏହାକୁ ସମର୍ଥନ ଘୋଷଣା କରିଛନ୍ତି । ଜିଲାର ଦୁଇଜଣ ବିଧାୟକ ବିଧାନସଭାରେ ଲୋୟର ଶୁକ୍‌ତେଲ ଜଳସେଚନ ପ୍ରକଳ୍ପ ନେଇ ଧାରଣାରେ ବସିବା ପରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନମନ୍ତ୍ରୀ ବିବୃତି ରଖି ଜଣାଇଛନ୍ତି ଯେ ଲୋୟର ଶୁକ୍‌ତେଲ ପ୍ରକଳ୍ପ କାମ ଆସନ୍ତା ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବ । ମାତ୍ର, ଏକ୍‌ସନ କମିଟିର ୧୧ ଦଫାଦାବିରୁ ଗୋଟିଏ ଦାବି ସମ୍ପର୍କରେ ବିବୃତି ଦେଇ ଅନ୍ୟ ୧୦ଟି ଦାବି ସମ୍ପର୍କରେ କୌଣସି ବିବୃତି ରଖିନଥିବାରୁ ଆନ୍ଦୋଳନ ଜାରି ରହିଛି । ବଲାଙ୍ଗୀର ଜିଲାରେ ଜଳସେଚନ ସ୍ଥିତି ଦୟନୀୟ । ସରକାରୀଭାବେ ପ୍ରାୟ ୧୨ ପ୍ରତିଶତ ଜମିରେ ଜଳସେଚନ ସୁବିଧା ରହିଛିବୋଲି ଉଲ୍ଲେଖ କରାଯାଉଥିବାବେଳେ ରାଜନେତାମାନେ ଜିଲାରେ ୩ ପ୍ରତିଶତରୁ କମ୍ ଜଳସେଚନ ସୁବିଧା ରହିଥିବା କହିଥାନ୍ତି । ସେ ଯାହାହେଉ ଜିଲାରେ ଜଳସେଚନ ସୁବିଧା ନହେଲେ ଚାଷ ଓ ଚାଷୀ ଉଭୟଙ୍କ ଉନ୍ନତି ହେବନାହିଁ, ଏକଥା ସ୍ପଷ୍ଟ । ଲୋୟର ଶୁକ୍‌ତେଲ ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ବଲାଙ୍ଗୀର ଜିଲାର ଲୋଇସିଂହା, ବଲାଙ୍ଗୀର, ପୁଇଁତଲା ବ୍ଲକ ଓ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକର ସର୍ବମୋଟ ୨୯,୮୪୧ ହେକ୍ଟର ଜମିରେ ଜଳସେଚନ ସୁବିଧା ଓ ବଲାଙ୍ଗୀର ସହରକୁ ୨୦ କ୍ୟୁସେକ୍ ପାନୀୟ ଜଳଯୋଗାଣ ହୋଇପାରିବବୋଲି କୁହାଯାଉଛି । ତେବେ ଗତ ୧୨ବର୍ଷ ମଧ୍ୟରେ ଏଭଳି ଏକ ପ୍ରକଳ୍ପ କାର୍ଯ୍ୟକାରୀ କରାଇବା ଦିଗରେ ଜିଲାର ତୁଙ୍ଗ ନେତୃତ୍ୱ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଲୋକେ ବିରୋଧ କରିବାରୁ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ କାମ ଅଗ୍ରଗତି ହୋଇପାରିନାହିଁ ବୋଲି ଆଇନମନ୍ତ୍ରୀ ବିଧାନସଭାରେ ବିବୃତି ରଖିଛନ୍ତି । ସାଂପ୍ରତିକ ଆନ୍ଦୋଳନରେ କୁହାଯାଇଛି ଯେ ଲୋକେ ଲୋୟର ଶୁକ୍‌ତେଲ ପ୍ରକଳ୍ପ ଚାହୁଁଛନ୍ତି ଓ ପ୍ରଭାବିତ ଅଞ୍ଚଳର ଲୋକେ ମଧ୍ୟ ସମର୍ଥନ କରୁଛନ୍ତି । ଲୋୟର ଶୁକ୍‌ତେଲ ପ୍ରକଳ୍ପ ପ୍ରସଙ୍ଗ ଏବେ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି । ଏହି ପରିପ୍ରେକ୍ଷୀରେ କେତୋଟି ବିଷୟରେ ଆଲୋଚନା କରିବା ଜରୁରୀ ବୋଲି ମନେହୁଏ ।

ଲୋୟର ଶୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଇଁ ୧୯୯୭ ମସିହାରେ ସର୍ଭେ କରାଯାଇଥିଲା । ପ୍ରଥମେ ୧୬ଟି ଗାଁ ସଂପୂର୍ଣ୍ଣ ଓ ୧୦ଟି ଗାଁ ଆଂଶିକ ବୁଡ଼ିବ ବୋଲି କୁହାଗଲା । ପରେ ଏଥିରେ ଆଉ ତିନୋଟି ଗାଁ ଯୋଡ଼ି ୨୯ଟି ଗାଁ ପ୍ରଭାବିତ ହେବବୋଲି କୁହାଯାଉଛି । ଏହାଦ୍ୱାରା ୧୦ହଜାରରୁ ଊର୍ଦ୍ଧ୍ୱ ପରିବାର ଉଦ୍‌ବାସ୍ତୁ ହେବେ । ଏହି ପ୍ରକଳ୍ପକୁ ୧୯୯୯ ମସିହାରେ ପ୍ରଶାସନିକ ମଞ୍ଜୁରି ଦିଆଗଲା । କେବିକେରେ କାର୍ଯ୍ୟକାରୀ ହେଉଥିବା ଦୀର୍ଘମିଆଦୀ ଯୋଜନା (ଏଲଟିଏପି) ମାଧ୍ୟମରେ ଏଆଇବିପି ଜରିଆରେ କେନ୍ଦ୍ରସରକାର ପ୍ରକଳ୍ପ ପାଇଁ ଋଣ ସହାୟତା ଯୋଗାଇ ଦେଇଛନ୍ତି । ମୂଳରୁ ୨୧୭.୧୩ କୋଟିଟଙ୍କାର ବ୍ୟୟ ଅଟକଳ କରାଯାଇ ଅର୍ଥ ମଞ୍ଜୁର କରାଯାଇଥିଲା । ୨୦୦୧ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ପାଇଁ ଋଣ ସହାୟତା ଯୋଗାଇ ଦେଇଛନ୍ତି । ମୂଳରୁ ୨୧୭.୧୩କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ଅର୍ଥ ମଞ୍ଜୁର କରାଯାଇଥିଲା । ୨୦୦୧ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଶୁଭ ଦେବାପାଇଁ ଆସିଥିଲେ । ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବାଲୋକେ ଜୋରଦାର ବିରୋଧ କଲେ । ଫଳରେ ପ୍ରସ୍ତାବିତ ସ୍ଥାନରୁ ପ୍ରାୟ ୧୦ କି.ମି ଦୂରରେ ପ୍ରକଳ୍ପର ଶୁଭ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଫେରିବାକୁ ପଡ଼ିଥିଲା । ଏହା ପରେ ୨୦୦୪ ମସିହାରେ ପ୍ରଥମଥର ପାଇଁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ଖୁଣ୍ଟପାଲି ଗାଁର ଲୋକେ କ୍ଷତିପୂରଣ ନେଇ ନିଜର ଭିଟାମାଟି ଛାଡ଼ିବେ ବୋଲି ସବୁଜ ସଂକେତ ଦେଲେ । ତତ୍କାଳୀନ ଲୋଇସିଂହା ବିଧାୟକ ନରସିଂହ ମିଶ୍ରଙ୍କ ପ୍ରକଳ୍ପ ସ୍ପିଲ୍‌ୱେନିର୍ମାଣ ଶୁଭ ଦେବାପାଇଁ ପ୍ରସ୍ତାବିତ ଅଞ୍ଚଳ ଗସ୍ତବେଳେ ଲୋକେ ପୁଣି ଥରେ ବିରୋଧ କଲେ । ଲୋକେ ଶାନ୍ତିପୂର୍ଣ୍ଣ ଭାବରେ ବିରୋଧ କଲାବେଳେ ଲାଠିମାଡ଼ କରାଗଲା । କିଛି ଲୋକଙ୍କୁ ଗିରଫ କରାଗଲା ଓ କିଛି ଲୋକଙ୍କ ନାଁରେ ମିଥ୍ୟା କେଶ ରୁଜୁ କରାଗଲା । ପ୍ରକଳ୍ପ କାମ ଆଉ ଆଗେଇ ପାରିଲା ନାହିଁ । ଲୋୟର ଶୁକ୍‌ତେଲ ପ୍ରକଳ୍ପ ଅଫିସ ପକ୍ଷରୁ ଜମି ଅଧିଗ୍ରହଣ, କ୍ଷତିପୂରଣ ଟଙ୍କା ବଣ୍ଟନ କାମ ନାମକୁ ମାତ୍ର ଚାଲିଲା । ପ୍ରକଳ୍ପ ଅବଧି ସରି ଆସିଲା ବେଳକୁ ସରକାର କୁମ୍ଭୀର କାନ୍ଦଣା କାନ୍ଦିଲେ । ସେ ଯାହାହେଉ ଏସବୁ ଭିତରେ ୨୦୦୯ ମସିହାରେ ପ୍ରକଳ୍ପ ପାଇଁ ପରିବର୍ଦ୍ଧିତ ବ୍ୟୟ ଅଟକଳ ୧୦୪୧.୮୧କୋଟିଟଙ୍କା ମଞ୍ଜୁର କରାଗଲା । ଟଙ୍କା ଆସିଲା, ହେଲେ କାମ ଆରମ୍ଭ ହେଲାନାହିଁ, ସେନେଇ କେହି ମୁଣ୍ଡ ଖେଳାଇଲେ ନାହିଁ । ପୁଣି ଥରେ ପ୍ରକଳ୍ପ ଅବଧି ସରି ଆସିଲାବେଳକୁ ଲୋୟର ଶୁକ୍‌ତେଲ ପ୍ରକଳ୍ପ ଅଫିସ ପକ୍ଷରୁ ସ୍ପିଲ୍‌ୱେ କାମ ଆରମ୍ଭ କରାଯିବ ବୋଲି ଗତ ମେ ମାସରେ ଘୋଷଣା କରାଗଲା । ପ୍ରଭାବିତ ଲୋକଙ୍କ ସହ କୌଣସି ଆଲୋଚନା ନକରି ପ୍ରଶାସନର ଏଭଳି ଆଭିମୁଖ୍ୟକୁ ଲୋକେ ବିରୋଧ କଲେ । ତା'ପରେ ପ୍ରକଳ୍ପ ଦାବିରେଏକ୍‌ସନ କମିଟି ପକ୍ଷରୁ ଗତ ଜୁନ୍ ମାସରେ କିଛିଦିନ ଧରି ଜିଲାପାଳ ଅଫିସକୁ ଅଚଳ କରିଦିଆଗଲା ଓ ଏବେ ଆମରଣ ଅନଶନ ଚାଲିଛି । ଇତିମଧ୍ୟରେ ଏହି ପ୍ରକଳ୍ପକୁ ନେଇ ଅନେକ ସମସ୍ୟା ଦେଖାଦେଇଛି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ବଣ୍ଟନ, ଜମି ଅଧିଗ୍ରହଣ ଓ ଥଇଥାନ କାମ ଏବେ ଆହୁରି ଜଟିଳ ହୋଇପଡ଼ିଛି । ଅନ୍ୟପଟରେ ଜମି ଦଲାଲ, ଅଫିସରଙ୍କ ଦୁର୍ନୀତି ଓ ସର୍ବୋପରି କିଛି ତଥାକଥିତ ନେତାଙ୍କ ବେଆଇନ ଟଙ୍କା ଲୁଟ୍ ଘଟଣା ଏହି ପ୍ରକଳ୍ପ ବାଟବଣା କରିଦେଇଛି । ଏଭଳି ସ୍ଥିତିରେ ଲୋୟର ଶୁକ୍‌ତେଲ ପ୍ରକଳ୍ପ ସ୍ୱପ୍ନ ଏବେ ଏକ ଦୁଃସ୍ୱପ୍ନ ହୋଇରହିଛି ।

୨୦୧୦ମସିହାରେ ପରିବର୍ଦ୍ଧିତ ବ୍ୟୟ ଅଟକଳ ମଞ୍ଜୁର ହେବା ପରେ ଲୋୟର ଶୁକ୍‌ତେଲ ପ୍ରକଳ୍ପ କାମ ୨୦୧୩ ମାର୍ଚ୍ଚ ମାସସୁଦ୍ଧା ଶେଷ ହେବାକଥା । ମାତ୍ର ଡ୍ୟାମ କାମ ଏଯାଏଁ ଆରମ୍ଭ ହୋଇନାହିଁ । ଜମି ଅଧିଗ୍ରହଣ, କ୍ଷତିପୂରଣ ଓ ଥଇଥାନ କାମ ସନ୍ତୋଷଜନକ ନୁହେଁ । ଏଭଳି ସ୍ଥିତିରେ ପ୍ରକଳ୍ପ ନିକଟ ଭବିଷ୍ୟତରେ ସମାପ୍ତ ହେବାଭଳି ଦେଖାଯାଉନାହିଁ । ପୁଣି ଥରେ ପ୍ରକଳ୍ପ ସମୟ ସଂପ୍ରସାରଣ ଓ ବ୍ୟୟ ଅଟକଳ ପରିବର୍ଦ୍ଧନ ପାଇଁ ସରକାରଙ୍କ ପକ୍ଷରୁ ଗତ ମେ ମାସରେ ସ୍ପିଲ୍‌ୱେ ନିର୍ମାଣ ତାମସା ଆରମ୍ଭ କରାଯାଇଥିଲା । ମାତ୍ର ବିରୋଧ ଯୋଗୁଁ ତାହା ଫସର ଫାଟିଲା । ଏବେ ସରକାର ପ୍ରକଳ୍ପ ନେଇ ବଡ଼ ଚିନ୍ତାରେ ଥିଲାଭଳି ଅଭିନୟ କରୁଛନ୍ତି । ଆଗାମୀ ସେପ୍ଟେମ୍ବର ୨୭ରୁ ସ୍ପିଲ୍‌ୱେ କାମ ଆରମ୍ଭ ହେବବୋଲି ଘୋଷଣା କରିଛନ୍ତି । ଇତିଧିରେ ସ୍ପିଲ୍‌ୱେ ନିର୍ମାଣ କରିବାକୁ ଥିବା ଓସିସିଟିମ୍ ପ୍ରକଳ୍ପ ଅଞ୍ଚଳ ବୁଲିଯାଇଥିଲେ । ମାତ୍ର ସେଠାରେ ରୁଣ୍ଡ ହୋଇଥିବା ଡ୍ୟାମ ସପକ୍ଷବାଦୀଙ୍କୁ ଭେଟିବାର ସାହସ ମଧ୍ୟ କଲେନାହିଁ । ସରକାର କିଭଳି ଭାବେ ଏହି ଡ୍ୟାମ କାମ ଶେଷ କରିବାକୁ ଚାହୁଁଛନ୍ତି ବୁଝାପଡୁନାହିଁ । କ୍ଷତିପୂରଣ ଟଙ୍କା ପ୍ରଦାନ, ଜମି ଅଧିଗ୍ରହଣ ଓ ଥଇଥାନ ବିଷୟ ଏବେ ଆହୁରି ଜଟିଳ ହୋଇପଡ଼ିଲାଣି । ଯେଉଁମାନେ ୨୦୦୪ ମସିହାରେ କ୍ଷତିପୂରଣ ଟଙ୍କା ନେଇଥିଲେ ସେମାନଙ୍କୁ ଏକକାଳୀନ ସମସ୍ତ ଟଙ୍କା ଦିଆଯାଇନଥିବାରୁ ଓ ଥଇଥାନ ପାଇଁ ବ୍ୟବସ୍ଥା କରିନଥିବାରୁ ଏବେ ଅଧିକ ଟଙ୍କା ନପାଇଲେ ଜମି ଛାଡ଼ିବା ଆଉ ସମ୍ଭବ ନୁହେଁ ବୋଲି କହିଲେଣି । ୨୦୦୬ ବିସ୍ଥାପନ ଓ ଥଇଥାନ ନୀତି କାର୍ଯ୍ୟକାରୀ କରାଯାଉନାହିଁ । ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଅନ୍ୟପଟେ ୩୮୦ କୋଟିରୁ ଊର୍ଦ୍ଧ୍ୱ (ମୂଳ ପ୍ରକଳ୍ପ ଅଟକଳ ୨୧୭.୧୩ କୋଟିକୁ ଟପିଗଲାଣି) ଟଙ୍କା ପ୍ରକଳ୍ପ ନାଁରେ ଖର୍ଚ୍ଚ ହୋଇସାରିଲାଣି । ବ୍ୟାପକ ଦୁର୍ନୀତି କରାଯାଇ କିଭଳି ଏଥିରୁ ଟଙ୍କା ଲୁଟ କରିନିଆଯାଇଛି ସେ କଥା ଅଡିଟ୍ ବେଳେ ଧରାପଡ଼ିସାରିଛି । ଏଥିରେ ୧୦୦କୋଟି ଟଙ୍କାର ଆପତ୍ତିଜନକ କାରବାର ହୋଇଛି ବୋଲି ଅଡିଟ୍‌ରେ ଉଲ୍ଲେଖ କରାଯାଇଛି ଏବଂ ୩୦କୋଟି ରିକଭରି କରାଯାଉବୋଲି କୁହାଯାଇଛି । ୩୮୦କୋଟି ଟଙ୍କାରେ ଯଦି ୧୦୦କୋଟି ଟଙ୍କାର ଆପତ୍ତିଜନକ କାରବାର ହୋଇଛି, ତେବେ ପ୍ରକଳ୍ପ କେଉଁଆଡ଼େ ମୁହାଁଇଛି ବିଚାର୍ଯ୍ୟ । କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଜମିର କିସମ ପରିବର୍ତ୍ତନ କରି ଓ ବେଆଇନ ଭାବେ ଜମି କିଣି କେବଳ ମୋଟା ଅଙ୍କର କ୍ଷତିପୂରଣ ମାରିନେବାର ଚେଷ୍ଟା କରିନାହାନ୍ତି, ବରଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ମୂଳବାସିନ୍ଦା ଦର୍ଶାଇ ଥଇଥାନ ବ୍ୟବସ୍ଥାରେ ମଧ୍ୟ ସିଂହଭାଗ ଲୁଟିନେବାର ଅପଚେଷ୍ଟା ଚଳାଇଛନ୍ତି । ଏହି ଅଞ୍ଚଳରେ ଜମି କିଣିଥିବା ଲୋକଙ୍କୁ ସ୍ଥାୟୀ ବାସିନ୍ଦା ଦର୍ଶାଇବା ପାଇଁ ଜାଣିଶୁଣି ପ୍ରକଳ୍ପ କାମ ବିଳମ୍ବ କରାଯାଇଥିବା ଅଭିଯୋଗ ପ୍ରଣିଧାନଯୋଗ୍ୟ । ଗୋଟିଏ ପଟେ ପ୍ରକଳ୍ପ ଦାବିରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ବି ଚାଲିଛି, ପଛପଟ ତହସିଲ ଅଫିସରେ ବେଆଇନ ଭାବେ ଜମି କିଣାବିକା ବି ଜୋରସୋରରେ ଚାଲିଛି । ଏଭଳି ପରିସ୍ଥିତିରେ ଲୋୟର ଶୁକ୍‌ତେଲର ଭାଗ୍ୟ କ'ଣ ହେବ ବିଚାର୍ଯ୍ୟ ।

ଲୋୟର ଶୁକ୍‌ତେଲ ପ୍ରକଳ୍ପ ନେଇ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ଜିଲାରେ ପ୍ରଥମଥର ପାଇଁ ଗୋଟିଏ ଅଣ-ରାଜନୈତିକ ଆନ୍ଦୋଳନର ହାୱା ସୃଷ୍ଟି ହୋଇଛି । ତେବେ ଏଥିରେ ଗଣମାଧ୍ୟମର ଭୂମିକା ମଧ୍ୟ କମ୍ ନୁହେଁ । ଲୋୟର ଶୁକ୍‌ତେଲ ପ୍ରକଳ୍ପ ଅନେକ କାରଣରୁ ଦୋଛକିରେ ଆସି ପହଞ୍ଚିଛି । ଲୋୟର ଶୁକ୍‌ତେଲ ବୁଡ଼ିଅଞ୍ଚଳ ସଂଗ୍ରାମ ପରିଷଦ ବୃହତ୍ ପ୍ରକଳ୍ପ ନକରି ଛୋଟଛୋଟ ଆନିକଟ ମାଧ୍ୟମରେ ଜଳସେଚନସହ ବଲାଙ୍ଗୀର ସହରର ପାନୀୟଜଳ ସମସ୍ୟାର ସମାଧାନ କରିବାପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପୂର୍ବରୁ ପ୍ରସ୍ତାବ ଦେଇଆସୁଛି । ଏପଟେ ଦୀର୍ଘଦିନରୁ ଜିଲାରେ କୌଣସି ଆଖିଦୃଶିଆ ବିକାଶ କାର୍ଯ୍ୟକ୍ରମ ହୋଇନାହିଁ । ଏହି କାରଣରୁ ଜିଲାବାସୀଙ୍କ ମନରେ ଗଭୀର କ୍ଷୋଭ ମଧ୍ୟ ରହିଛି । ଏଭଳି ସ୍ଥିତିରେ ଜିଲାରେ କିଛି ହେଲେ ହେଉବୋଲି ଲୋକେ ବନ୍ଦପାଳନ ଓ ଆନ୍ଦୋଳନକୁ ସମର୍ଥନ ଜଣାଉଛନ୍ତି । କିଛିଲୋକ କହୁଛନ୍ତି ଯେ ବିରୋଧ ନାଁରେ ସବୁକୁ ବିରୋଧ କରିବା ଠିକ୍‌ନୁହେଁ, ମାତ୍ର ଏମିତି ଆପ୍ତବାକ୍ୟଟିକୁ କହିଦେଇ ସମୂହ ବିକାଶ ନାଁରେ ଅବିଚାରିତ ଭାବେ ନିଜଠାରେ ଥିବା 'ସମୃଦ୍ଧି' ଟିକକକୁ ବି ନିଃଶେଷ କରିବାପାଇଁ ଉତ୍ସାହିତ କରିବା ଧୃଷ୍ଟତା ଛଡ଼ା ଆଉ କିଛିନୁହେଁ ।

*ବଲାଙ୍ଗୀର*